ଓସ୍ତପୁରରେ ପାନୀୟଜଳ ସମସ୍ୟା

# ପ୍ରଶାସନିକ ଅଧିକାରୀଙ୍କୁ ଘେରିଲେ ମହିଳା

କେନ୍ଦ୍ରାପଡ଼ା,୨୬।୩(ସମିସ):



ପାନୀୟଜଳ ସମସ୍ୟାକୁ ନେଇ କେନ୍ଦ୍ରାପଡ଼ା ବ୍ଲକରେ ଗୁରୁବାର ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। କେନ୍ଦ୍ରାପଡ଼ା ବ୍ଲକରେ ସାମାଜିକ ସମୀକ୍ଷା ବୈଠକ ଚାଲିଥିବାବେଳେ ବିଡିଓ ଅଭିଷେକ ସ୍ୱାଇଁ ଓ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲ୍ଲିକଙ୍କୁ ମହିଳାମାନେ ପାନୀୟଜଳ ସମସ୍ୟା ନେଇ ଘେରାଉ କରି ପ୍ରତିବାଦ କରିଥିଲେ। ବ୍ଲକ୍‌ର ଉନ୍ନତିମୂଳକ କାର୍ଯ୍ୟ ଠପ୍ ହୋଇଯାଇଥିବାବେଳେ ଗ୍ରାମାଞ୍ଚଳର ମୁଖ୍ୟ ସମସ୍ୟା ପ୍ରତି ପ୍ରଶାସନର ଆଗ୍ରହ ନ ଥିବା ସେମାନେ ଅଭିଯୋଗ କରିଥିଲେ। ବୈଠକରେ ଉପସ୍ଥିତ ଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ମଧ୍ୟ ଏ ନେଇ ଉଦବେଗ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଏ ନେଇ ବିଡିଓ ଶ୍ରୀ ସ୍ୱାଇଁଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ତାଗିଦ କରିଥିଲେ। ଲୋକଙ୍କ ସମସ୍ୟା ସମାଧାନରେ ଅବହେଳା କରାଗଲେ ଦରମା ବନ୍ଦ କରାଯିବ ବୋଲି ଶ୍ରୀ ମଲ୍ଲିକ ଚେତାବନୀ ଦେଇଥିଲେ। ଓସ୍ତପୁର ପଞ୍ଚାୟତର ଶତାଧିକ ମହିଳା ବାଲ୍‌ଟି ଓ ଗରା ଧରି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଜୋରଦାର ପ୍ରତିବାଦ କରିଥିଲେ। ପିଇବା ପାଣି ଅଭାବରେ ସେମାନେ ତହଲବିକଳ ହେଉଥିବାବେଳେ ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିବା ଆନ୍ଦୋଳନରେ କେନ୍ଦ୍ରାପଡା ବ୍ଲକ ପରିସରରେ ଥିବା ପ୍ରଶାସନିକ ଅଧିକାରୀ କିଛି ସମୟ ପାଇଁ ସମସ୍ୟାରେ ପଡ଼ିଯାଇଥିଲେ। ଏ ନେଇ ବିଡିଓ ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ସମସ୍ୟା ସମ୍ପର୍କରେ ସେ ପୂର୍ବରୁ ଅବଗତ ନ ଥିଲେ। ଖୁବ୍‌ଶୀଘ୍ର ପାନୀୟଜଳ ସମସ୍ୟାର ସମାଧାନ କରାଯିବ। ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ମହିଳାମାନେ ଫେରିଯାଇଥିଲେ।

## ସିକୋରେ ବାସନ୍ତିକ ଦୁର୍ଗାପୂଜା

ରାଜକନିକା,୨୬।୩(ସମିସ): ଧର୍ମ ଓ ସାଂସ୍କୃତିକ ପ୍ରାଣକେନ୍ଦ୍ର କନିକାର ସିକୋ, ଜୟକୁଣ୍ଡା, ତଇଲା ଆଦି ଗ୍ରାମରେ ବାସନ୍ତିକ ଦୁର୍ଗାପୂଜା ଚାଲିଛି। ୧୯୫୫ରେ ସିକୋ ଗ୍ରାମର ଜଣେ ଉଦ୍ୟମୀ ଯୁବ ବ୍ରାହ୍ମଣ ନିମାଇଁ ଚରଣ ତ୍ରିପାଠୀଙ୍କ ଉତ୍ସାହରେ ପ୍ରଥମେ ନୀଳକଣ୍ଠେଶ୍ୱର ସଂସ୍କୃତ ଟୋଲ ପଡିଆରେ ଏହି ପୂଜା ଆରମ୍ଭ ହୋଇଥିଲା। ପ୍ରଥମେ ସମସାମୟିକ ଯୁବକଙ୍କ ସହଯୋଗରେ ଆରମ୍ଭ ହୋଇଥିବା ଏହି ପୂଜାରେ ଗ୍ରାମବାସୀ ସାମିଲ ହୋଇଥିଲେ। ୭୨ ବର୍ଷ ଧରି ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଅନୁଷ୍ଠିତ ହୋଇଆସୁଥିବା ପୂଜାରେ ଭିଡ଼ ପରିଲକ୍ଷିତ ହୋଇଛି। ଆସନ୍ତାକାଲି ନବମୀ ଓ ପରଦିନ ଦଶମୀ ପୂଜାରେ ମଧ୍ୟ ଭିଡ଼ ହେବା ଆଶା କରାଯାଇଛି।



## ଓଲିହାରେ ବାସନ୍ତିକ ଦୁର୍ଗାପୂଜା



ମହାକାଳପଡ଼ା,୨୬।୩(ସମିସ): ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଓଲିହା ଗ୍ରାମରେ ୬୫ତମ ମା' ବାସନ୍ତୀ ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହେଉଛି। ଗ୍ରାମବାସୀ ମିଳିତ ଭାବେ ମା'ଙ୍କ ପୂଜା ବିଧିମତେ ଆୟୋଜନ କରୁଛନ୍ତି। ଏ ଅବସରରେ ତିନିଦିନ ଅପେରା ରତ୍ନ ମହଲ ଯାତ୍ରା ପରିବେଷଣ କରୁଛି।

## ଡେରାବିଶ ବ୍ଲକ୍‌ରେ ବାସନ୍ତିକ ଦୁର୍ଗାପୂଜା

ଡେରାବିଶ,୨୬।୩(ସମିସ): ପଲେଇ ପଞ୍ଚାୟତର ନାଲୁବାବା ଆଶ୍ରମ, ଚାନ୍ଦୋଳ ପଞ୍ଚାୟତର ଚାନ୍ଦୋଳ, ବସପୁର ପଞ୍ଚାୟତର ଆରିପଦାଠାରେ ମା' ବାସନ୍ତୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ହେଉଛି। ଆଜି ମହାଷ୍ଟମୀ ଓ ସନ୍ଧୀପୂଜା ପାଇଁ ମାନସିକଧାରୀ ପଣାହାଣ୍ଡି ଭୋଗ କରିବା ନିମନ୍ତେ ପୂଜା ମଣ୍ଡପରେ ପ୍ରବଳ ଭିଡ଼ ଜମାଇଥିଲେ। ଶ୍ରଦ୍ଧାଳୁ ଉପବାସ ରହି ମା'ଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା ପରେ ପ୍ରସାଦ ସେବନ କରିଥିଲେ। ଆସନ୍ତାକାଲି ଶୁକ୍ରବାର ନବମୀ ପୂଜା ଓ ଶନିବାର ଦଶହରା ପରେ ମା'ଙ୍କୁ ବିସର୍ଜନ କରାଯିବ।



## ଶିରିଡ଼ି ସାଇ ମନ୍ଦିର ରତ୍ନମୁଦ ଉତ୍ସବ

ଡେରାବିଶ/କେନ୍ଦ୍ରାପଡ଼ା, ୨୬।୩(ସମିସ): ଖମୋଳ ପଞ୍ଚାୟତ ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ଚଣ୍ଡିବଜାରଠାରେ ନବନିର୍ମିତ ଶିରିଡ଼ିସାଇ ମନ୍ଦିରର ଦଧିନଉତିର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିରିଡ଼ିସାଇ ଜନକଲ୍ୟାଣ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ସମେତ ପଡ଼ୋଶୀ ଗ୍ରାମର ଶ୍ରଦ୍ଧାଳୁ ବିଭିନ୍ନ ଶସ୍ୟ, ସୁନା, ରୂପା ଆଦି ଧାତୁ ଦ୍ରବ୍ୟ, ବିଭିନ୍ନ ସମୟର ଧାତୁ ନିର୍ମିତ ଟଙ୍କାରେ ମନ୍ଦିରର ଦଧିନଉତି ପୂର୍ଣ୍ଣ କରାଯାଇଥିଲା। ଏହି ଉପଲକ୍ଷେ ମନ୍ଦିରରେ ପ୍ରାତ ଆଳତି, ହୋମଯଜ୍ଞ, ସଂକୀର୍ତ୍ତନ ପୂର୍ବକ ଏହି କାର୍ଯ୍ୟ ସମାପନ କରାଯାଇଥିଲା। ଟ୍ରଷ୍ଟର ସଭାପତି ଧରଣୀଧର ମୁଦୁଲି, ପ୍ରଫେସର ଡଃ ନିରଞ୍ଜନ ବାରିକ, ଶରତ ପଣ୍ଡା, ହୃଦାନନ୍ଦ ଲେଙ୍କା, ମହେନ୍ଦ୍ର ସ୍ୱାଇଁ, ମଞ୍ଜୁସା ମହାନ୍ତି, ପ୍ରେମାନନ୍ଦ ଆଚାର୍ଯ୍ୟ, ନିରଞ୍ଜନ ଆଚାର୍ଯ୍ୟ, ହରିହର ଜେନା, ରାଜକିଶୋର ଲେଙ୍କା, ପ୍ରଦୀପ ବରାଳ, ଜ୍ଞାନେନ୍ଦ୍ର ମଲ୍ଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଶ୍ରୀରାମ ମନ୍ଦିରର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ

ଡେରାବିଶ,୨୬।୩(ସମିସ): ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ପାଣିଓଳା-୨ ଗ୍ରାମସ୍ଥ ଶ୍ରୀରାମମନ୍ଦିରର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି। ଶ୍ରୀରାମ କୃପା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ ଅବସରରେ ଚାରିଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଶତାଧିକ ଶ୍ରଦ୍ଧାଳୁ ନିକଟସ୍ଥ ପବିତ୍ର ଲୁଣାନଦୀରୁ ପୂଜାର୍ଚ୍ଚନା ପୂର୍ବକ ଜଳପୂର୍ଣ୍ଣ କଳସ ଯଜ୍ଞସ୍ଥଳକୁ ଆଣିଥିଲେ। ପରେ ଯଜ୍ଞର ଶୁଭାଧିବାସ, ଅଙ୍କୁରାରୋପଣ ଓ ନାମଯଜ୍ଞ ହୋଇଥିବାବେଳେ ଆଜି ସୂର୍ଯ୍ୟପୂଜା, ଅଗ୍ନିସ୍ଥାପନ, ପ୍ରଭୁ ଶ୍ରୀରାମଙ୍କ ନବଯୌବନ ଦର୍ଶନ ହୋଇଥିବାବେଳେ ଆସନ୍ତାକାଲି ଭଗବାନ ରାମଙ୍କ ପୁଣ୍ୟ ପ୍ରକଟ କର୍ମ, ଅଭିଷେକ ଓ ନାମସଂକୀର୍ତନ କରାଯାଇ ଶନିବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ହେବ।

## ଜିଲ୍ଲାସ୍ତରୀୟ ନିଶାମୁକ୍ତ ଭାରତ ଅଭିଯାନ




ମାର୍ଶାଘାଇ, ୨୬ ।୩(ସମିସ): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ମାର୍ଶାଘାଇ ମହାବିଦ୍ୟାଳୟର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ନିଶାମୁକ୍ତ ଭାରତ ଅଭିଯାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡଃ ଶଶୀକାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା ମୁଖ୍ୟଅତିଥି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ, ନିଶା ନିବାରଣ କେନ୍ଦ୍ରର ସାମାଜିକ କର୍ମୀ ସୌମ୍ୟରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଶାସେବନର ଭୟାବହତାରୁ ସୁସ୍ଥ ସାମାଜିକ ଜୀବନର ବିକଳାଙ୍ଗ ଚିତ୍ର, ସାମାଜିକ, ପାରିବାରିକ ବିଶୃଙ୍ଖଳାର ନଗ୍ନରୂପ ସହ ନିଶାମୁକ୍ତ ଭାରତ ଗଠନରେ ଯୁବ ସମାଜର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ଅଧ୍ୟାପକଅଧ୍ୟାପିକା, ଶିକ୍ଷା କର୍ମଚାରୀ, ମାର୍ଶାଘାଇ ଓ କେନ୍ଦ୍ରାପଡ଼ା ଅଞ୍ଚଳର ନିଶା ନିବାରଣ ସାମାଜିକ କର୍ମୀ ଜନସଚେତନତା ଉଦ୍ଦେଶ୍ୟରେ ପଦଯାତ୍ରାରେ ସାମିଲ ହୋଇ ବଜାର ପରିକ୍ରମା କରିଥିଲେ। ଅଧ୍ୟାପକ ସୁକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା ଓ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ବିଜୟ ପାତ୍ର, ଦୀପକ ଦାସ, ବିପିନ ବିହାରୀ ନାଥ, ଅଧ୍ୟାପକ ଦୀପକ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ଶୋଭାଯାତ୍ରା

ପଟ୍ଟାମୁଣ୍ଡାଇ,୨୬।୩(ସମିସ): ସର୍ବଭାରତୀୟ ପେନସନର୍ସ ଆସୋସିଏସନ ଆହ୍ୱାନରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ କେନ୍ଦ୍ର ସରକାରଙ୍କ କର୍ମଚାରୀ ମାରଣ ନୀତି ବିରୋଧରେ ରାଜ୍ୟ ବ୍ୟାପି ଆନ୍ଦୋଳନ ଚାଲିଛି। ଏହି କ୍ରମରେ ପଟ୍ଟାମୁଣ୍ଡାଇ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଶୋଭାଯାତ୍ରା ବାହାରି ପଟ୍ଟାମୁଣ୍ଡାଇ ବ୍ଲକରେ ପହଞ୍ଚି ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ବ୍ଲକ ମୁଖ୍ୟ କିରାଣିଙ୍କୁ ପ୍ରଦାନ କରିଥିଲେ। ଏହି ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ଅବସରପ୍ରାପ୍ତ କର୍ମଚାରୀ ସଂଘ ଉପସଭାପତି ପ୍ରଫେସର କୈଳାସ ପାତ୍ର, ସମ୍ପାଦକ ଚତୁର୍ଭୁଜ ରାଉଳ, ପ୍ରଫେସର ଭରତ ପାତ୍ର, ଇଂ ତ୍ରିଲୋଚନ ସୂତାର, ପାବନୀ ରାଉତ, ପ୍ରମୋଦ ନାୟକ, ପଣ୍ଡିତ ତ୍ରୈଲୋକ୍ୟ ମିଶ୍ର, ଇଂ ତପନ ପାତ୍ର, ପ୍ରଦୀପ ନାୟକ, ବିଜୟ ସାହୁ, ପ୍ରଦୀପ୍ତ ରଥ, ସଚ୍ଚିନନ୍ଦନ ଦାସ, ରାଜେନ୍ଦ୍ର ପ୍ରସାଦ ସିଂ, ପ୍ରଫୁଲ୍ଲ ଶତପଥୀ ପ୍ରମୁଖ ସାମିଲ ଥିଲେ।



## ଜାତୀୟ ପତାକାକୁ ଅସମ୍ମାନ

ମହାକାଳପଡ଼ା,୨୬।୩(ସମିସ): ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଚିରା ଜାତୀୟ ପତାକା ଉଡୁଥିବା ଦେଖିବାକୁ ମିଳିଛି। ସରକାରୀ କାର୍ଯ୍ୟାଳୟରେ ଜାତୀୟ ପତାକାକୁ ଅସମ୍ମାନ ଘଟଣାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ପଞ୍ଚାୟତ ପ୍ରତିନିଧିଙ୍କ ପ୍ରତୀକ୍ଷା ଭବନ ଉପରେ ଏକ ଚିରା ଜାତୀୟ ପତାକା ଉଡୁଛି। ପତାକାର ନିମ୍ନଭାଗର କିଛି ଅଂଶ ଓହଳିଥିବାବେଳେ କିଛି ଅଂଶରେ ସିଲାଇ ଖୋଲି ଯାଇଥିବା ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ ଆବଶ୍ୟକ ଅନୁଯାୟୀ ଉଚ୍ଚତାରେ ନ ରଖାଯିବା ଫଳରେ ପତାକାର ନିମ୍ନଭାଗ ଛାତ ଓ କାନ୍ଥରେ ଘଷି ହେଉଛି। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବତନ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ଉଦ୍ୟମରେ ଏହି ଜାତୀୟ ପତାକାକୁ ସ୍ଥାନିତ କରାଯାଇଥିଲା। ଏବେ ଜାତୀୟ ପତାକାର ଏ ସ୍ଥିତି ରହିଥିଲେ ମଧ୍ୟ କୌଣସି ଅଧିକାରୀ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ତତ୍କାଳ ପତାକାକୁ ପରିବର୍ତ୍ତନ କରିବା ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।



## ଜଳିଗଲା ୩ ବଖରା ଘର

ରାଜକନିକା,୨୬।୩(ସମିସ):ହାଟସାହି ପଞ୍ଚାୟତ ଭୂଇଁବିଲ ଗାଁରେ ଆଜି ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ତିନି ବଖରା ଘର ପୋଡ଼ିଯାଇଛି। ପୂର୍ବାହ୍ନ ୧୧ଟା ସମୟରେ ହଠାତ୍ ସୁନାକର ନାୟକଙ୍କ ଘର ଜଳୁଥିବା ଲୋକେ ଦେଖି ପାଟି କରିଥିଲେ। ଗାଁ ଲୋକ ପାଣି ପକାଇ ନିଆଁ ଲିଭାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ପରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ବି ସେତେବେଳକୁ ସବୁ କିଛି ପୋଡିଯାଇଥିଲା। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିବାବେଳେ ଅଗ୍ନି ବିପନ୍ନ ପରିବାରକୁ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପାରିବାରିକ କଳହରୁ ସାନଭାଇ ବେକ କାଟିଲା ବଡ଼ଭାଇ

ରାଜକନିକା,୨୬।୩(ସମିସ): ରାଜକନିକା ଥାନା ଅନ୍ତର୍ଗତ ଗୁଆଳିଗାଁରେ ଆଜି ଘରୋଇ ଗଣ୍ଡଗୋଳରୁ ବଡ଼ଭାଇ ସାନଭାଇର ବେକକୁ ଦାଆରେ କାଟି ଦେଇଛି। ଦୁଇ ଭାଇଙ୍କ ଭିତରେ ଗଣ୍ଡଗୋଳ ହୋଇ ଏହା ଉଗ୍ର ରୂପ ନେବା ବେଳେ ପରମେଶ୍ୱର ନାୟକ ସାନଭାଇ ପ୍ରମୋଦ ନାୟକ ବେକକୁ ଦାଆରେ କାଟିଦେଇଥିବା ପ୍ରମୋଦର ସ୍ତ୍ରୀ ସବିତା ନାୟକ ଅଭିଯୋଗ କରିବା ପରେ ପୁଲିସ ବଡଭାଇକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସାନଭାଇ ମଧ୍ୟ ବଡଭାଇକୁ କାମୁଡି ଦେଇଥିବା ଜଣାପଡିଛି।

## ପୋଲ ନିକଟରୁ କଙ୍କାଳ ଉଦ୍ଧାର

ପଟ୍ଟାମୁଣ୍ଡାଇ,୨୬।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଗଙ୍ଗାରାମପୁର ପଞ୍ଚାୟତ ଗୁଣ୍ଡପୁର ନିକଟସ୍ଥ ଗୋବରୀ ନଦୀକୁ ସଂଯୋଗ କରୁଥିବା କଳିଙ୍ଗା ପୋଲ ନିକଟରୁ ଏକ ଅଖାରେ ବନ୍ଦ ଥିବା କଙ୍କାଳ ଉଦ୍ଧାର କରାଯାଇଛି। ଗତକାଲି ସ୍ଥାନୀୟ ଲୋକନାଥପୁର ଗ୍ରାମର ଜଣେ ବ୍ୟକ୍ତି ଜାଲ ପକାଇ ମାଛ ଧରୁଥିବାବେଳେ ବନ୍ଦ ଥିବା ଏକ ଅଖା ଜାଲରେ ପଡ଼ିଥିଲା। ସେ ବନ୍ଦ ଥିବା ଅଖା ଖୋଲିବା ପରେ ସେଥିରୁ ମଣିଷ ଖପୁରୀ, କଙ୍କାଳ ଓ ହାଡ଼ ଥିବା ଦେଖି ଭୟରେ ପଳାଇ ଯାଇଥିଲେ। ଅଖା ମଧ୍ୟରୁ ମଣିଷ ଖପୁରୀ ଓ କଙ୍କାଳ ମିଳିବା ଖବର ପ୍ରଚାରିତ ହେବା ପରେ ଗୁଣ୍ଡପୁର କଳିଙ୍ଗା ପୋଲ ନିକଟକୁ ଲୋକଙ୍କ ଛୁଅ ଛୁଟି ଥିଲା। ସ୍ଥାନୀୟ ଲୋକେ ଅଖା ଭିତରେ କଙ୍କାଳ ଥିବା ଦେଖି ପୁଲିସକୁ ଖବର ଦେଇଥିଲେ ଓ ଖବର ପାଇ ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର, ଅତିରିକ୍ତ ତହସିଲଦାର ପ୍ରଣବ ପଣ୍ଡା, ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ ପହଞ୍ଚି ଅଖା ମଧ୍ୟରୁ କଙ୍କାଳ ଉଦ୍ଧାର କରାଯାଇଥିଲା। ପୁଲିସର ପ୍ରାଥମିକ ତଦନ୍ତ ଓ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ଗ୍ରାମାଞ୍ଚଳ ଥାନା ପୁଲିସ ୧୭୪/୨୬ରେ ମାମଲା ରୁଜୁ କରି ତନାଘନା ତଦନ୍ତ ଆରମ୍ଭ କରିଛି।

## ପୂର୍ବତନ ସମିତି ସଭ୍ୟାଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୨୬।୩(ସମିସ): ଚନ୍ଦନନଗର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ପ୍ରତିଭା ପଣ୍ଡାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ପ୍ରାକ୍ତନ ପ୍ରଧାନଶିକ୍ଷକ ରାଜକିଶୋର ପଣ୍ଡା, ଜ୍ୟେଷ୍ଠ ପୁତ୍ର ବିଜେପି ନେତା ହିମାଂଶୁ ପଣ୍ଡା, ରାଜ୍ୟପାଳଙ୍କ ସୁରକ୍ଷା କର୍ମଚାରୀ ସୁଧାଂଶୁ ପଣ୍ଡା, ପୁତ୍ରବଧୂ, ନାତିନାତୁଣୀ ଉପସ୍ଥିତ ଥିଲେ। ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲେ। ଚନ୍ଦନନଗର ସେବା ସମବାୟ ସମିତି ସଭାପତି ସୁରେଶ ପଣ୍ଡା, ସମାଜସେବୀ ମନୋରଞ୍ଜନ ପଣ୍ଡା, କମଳାକାନ୍ତ ପଣ୍ଡା, ସନାତନ ପଣ୍ଡା, ସରୋଜ ପଣ୍ଡା, ନଳିନୀକାନ୍ତ ସ୍ୱାଇଁ ପ୍ରମୁଖ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ବିୟୋଗରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, କିଶୋର ତରାଇ, ଅଂଶୁମାନ ମହାନ୍ତି, ଅଲେଖ ଜେନା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



## ଦାନପୁର ସମବାୟ ସମିତିରେ ଋଣ ମେଳା

ଡେରାବିଶ, ୨୬।୩(ସମସ): ଦାନପୁର ପ୍ରାଥମିକ କୃଷି ସମବାୟ ସମିତିରେ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସୁବ୍ରତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଋଣ ମେଳାରେ ଶତାଧିକ ଚାଷୀ ଯୋଗଦେଇ ଋଣ ପରିଶୋଧ କରିବା ସହିତ ନୂତନ ଋଣ ମଧ୍ୟ ଉଠାଇଥିଲେ। ୨୦୨୪-୨୫ ଆର୍ଥିକ ବର୍ଷରେ ୩୫୫୩ ସଭ୍ୟ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୭୬୩ ଜଣ କିଷାନ କ୍ରେଡିଟ କାର୍ଡଧାରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଖରିଫ ଋତୁରେ ୬୪୨ ଜଣ ଓ ରବି ଋତୁରେ ୫୩୦ ଜଣ ଚାଷୀଙ୍କୁ ଋଣ ଲଗାଣ ହୋଇଥିବା ସମ୍ପାଦକ ସୁବ୍ରତ ନାୟକ ସୂଚନା ଦେଇଥିଲେ। ସେହିପରି ୬ଟି ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ମଧ୍ୟ ଋଣ ଯୋଗାଇ ଦିଆଯାଇଥିବା ସମ୍ପାଦକ ଶ୍ରୀ ନାୟକ କହିଛନ୍ତି।। ଋଣ ମେଳାରେ ବହୁ ସଂଖ୍ୟାରେ ଚାଷୀ ଯୋଗଦେଇ ସେମାନଙ୍କ ଋଣ କାରବାର ସମ୍ପର୍କରେ ଅବଗତ ହେବା ସହ ଋଣ ପରିଶୋଧ ଓ ନୂତନ ଋଣ ପାଇଁ କାଗଜାତ ପ୍ରସ୍ତୁତ କରିଥିଲେ।



## ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର



ପଞ୍ଚୁପାଣ୍ଡବ,୨୬।୩(ସମିସ): ଡେରାବିଶ ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳେଶ୍ୱର ବିଦ୍ୟାପୀଠ ହଳଦିଆପାଟଣାରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପ୍ରବୋଧନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏବିଇଓ ସଚ୍ଚିକାନ୍ତ ମିଶ୍ର ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ଦିଲ୍ଲୀପ ଦାଶ, ରମେଶ ପତି, ପ୍ରମୋଦିନୀ ସ୍ୱାଇଁ ଓ ଅର୍ଚ୍ଚନା ରଥ ଚଳିତ ବର୍ଷ ପାଇଁ ଆସିଥିବା ନୂତନ ପୁସ୍ତକ ବିଷୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବୁଝାଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଭଗବତୀ, ଛୋଟି ଓ ଯୁଗଜ୍ୟୋତି କ୍ଲଷ୍ଟରରୁ ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଛୋଟି ସିଆରସିସି ତ୍ରିଲୋଚନ ମଲ୍ଲିକ, ପ୍ରଧାନ ଶିକ୍ଷକ ସୁକୁଲ ମୁର୍ମୁ, ଶିକ୍ଷକ ଉତ୍ତମ ମଲ୍ଲିକ, ଅମରେନ୍ଦ୍ର ଦାସ, ଦୁନୁଜ ନାୟକ, ନିର୍ମଳ ବାରିକ, ମୋନାଲିସା ରାଉତ, ଉଷାରାଣୀ ବେହେରା, ତୁଷାରକାନ୍ତ ବେହେରା ଓ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

ଯୋଗାଣ ବିଭାଗର ଚଢ଼ଉ

## ୪ ହୋଟେଲରୁ ୭ ଘରୋଇ ଗ୍ୟାସ୍ ଜବତ



ରାଜନଗର, ୨୬।୩(ସମିସ): ରାଜନଗରରେ ଗ୍ୟାସ କାଳବଜାରୀ ଚରମସୀମାରେ ପହଞ୍ଚିଛି। ସାଧାରଣ ଲୋକେ ଗ୍ୟାସ ପାଉ ନ ଥିବାବେଳେ ହୋଟେଲରେ ଘରୋଇ ଗ୍ୟାସ ବ୍ୟବହାର ହେଉଛି। ଆଜି ଯୋଗାଣ ବିଭାଗ ପକ୍ଷରୁ ରାଜନଗର ବଜାର ଓ ତ୍ରିନାଥ ବଜାରରେ ଥିବା ୮ଟି ହୋଟେଲରେ ଚଢ଼ଉ କରାଯାଇଥିଲା। ରାଜନଗରର ରଶ୍ମୀ ଦି ଫୁଡରୁ ୨ଟି ଘରୋଇ ଗ୍ୟାସ ସିଲିଣ୍ଡର, ଟୁ ବ୍ରଦର୍ସ ହୋଟେଲରୁ ଗୋଟିଏ, ତ୍ରିନାଥ ବଜାରସ୍ଥ ଅଷ୍ଟଭୁଜା ଫୁଡ ବଜାର ଓ ସଫଳା ମିଷ୍ଟାନ ଭଣ୍ଡାରରୁ ୨ଟି ଲେଖାଏଁ ଘରୋଇ ଗ୍ୟାସ ଜବତ କରାଯାଇଛି। ୪ଟି ହୋଟେଲରୁ ୭ଟି ଘରୋଇ ଗ୍ୟାସ ଜବତ କରାଯାଇଛି। ରାଜନଗର ଯୋଗାଣ ଅଧିକାରୀ ସ୍ୱରୂପ ଦାସ ରାଜନଗର ଓ ତ୍ରିନାଥ ବଜାରର ହୋଟେଲ ଉପରେ ଚଢାଉ କରି ଏହି ୭ଟି ଘରୋଇ ଗ୍ୟାସ ଜବତ କରିଛନ୍ତି।



## ଘଡ଼ିଆମାଳ ପଞ୍ଚାୟତ ଲିଗ୍, ପଣ୍ଡା ବ୍ରଦର୍ସ ଚାମ୍ପିଅନ

ରାଜନଗର, ୨୬।୩(ସମିସ): ରାଜନଗର ବ୍ଲକ ଘଡ଼ିଆମାଳ ପଡିଆରେ ଚାଲିଥିବା ଘଡିଆମାଳ ଲିଗରେ ବଜରଙ୍ଗୀ ଫାଇଟର୍ସକୁ ୫ ୱିକେଟରେ ହରାଇ ପଣ୍ଡା ବ୍ରଦର୍ସ ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ବଜରଙ୍ଗୀ ଫାଇଟର୍ସ ୧୩ ଓଭରରେ ୧୧୮ ରନ କରିଥିଲା। ଜବାବରେ ପଣ୍ଡା ବ୍ରଦର୍ସ ୧୨ ଓଭରରେ ୫ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା। ଆୟୋଜକ ଘଡିଆମାଳ ପଞ୍ଚାୟତ ଲିଗ୍ ସଭାପତି ସମାଜସେବୀ ଗୋବର୍ଦ୍ଧନ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏସିଏଫ ମାନସ ଦାସ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ଆଶିଷ ନାୟକ, ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ଯୁବନେତା ରାକେଶ ନାୟକ, ମୁଖ୍ୟବକ୍ତା ଭାବେ ଘଡିଆମାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଧର ଜେନା, ଅବସରପ୍ରାପ୍ତ ଶିକ୍ଷକ ଦର୍ପନାରାୟଣ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଉପସଭାପତି ସମରେନ୍ଦ୍ର ମିଶ୍ର ଓ କର୍ମକର୍ତ୍ତା ଖେଳ ପରିଚାଳନା କରିଥିଲେ।

ନହୁଣୀ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ନେଇ ଅସନ୍ତୋଷ

# ଜିଲ୍ଲାପାଳଙ୍କ ନିକଟରେ ଗୁହାରି ଜଣାଇଲେ ଗ୍ରାମବାସୀ

ରାଜକନିକା, ୨୬।୩(ସମିସ):

ନହୁଣୀ ପଞ୍ଚାୟତ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର ଯୋଜନା ହେଉଥିବାବେଳେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପଞ୍ଚାୟତର ମଧ୍ୟସ୍ଥଳୀରେ ଥାଇ ଏହି କାର୍ଯ୍ୟାଳୟ ପଞ୍ଚାୟତବାସୀଙ୍କ କାମରେ ଲାଗୁଥିବାବେଳେ ଜାଣିଶୁଣି ପାଞ୍ଚ କିଲୋମିଟର ଦୂର ନହୁଣି ଗାଁକୁ ସ୍ଥାନାନ୍ତର କରାଯିବାକୁ ଯେଉଁ ଚକ୍ରାନ୍ତ ଚାଲିଛି ତାହାକୁ ବିରୋଧ କରି ଜିଲ୍ଲାପାଳଙ୍କ ପାଖରେ ଲିଖିତ ଅଭିଯୋଗ କରାଯାଇ ଏହାର ପୁନର୍ବିଚାର କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

ନହୁଣି ପଞ୍ଚାୟତ ୧୯ ୱାର୍ଡ ବିଶିଷ୍ଟ ଏକ ବଡ ପଞ୍ଚାୟତ। ବର୍ତ୍ତମାନ ନହୁଣୀ ପଞ୍ଚାୟତ କାର୍ଯ୍ୟାଳୟ ନୂଆଗାଁଠାରେ ପୂର୍ବ ସରପଞ୍ଚ, ୱାର୍ଡସଭ୍ୟଙ୍କ ସହମତିରେ ନିର୍ମାଣ କରାଯାଇଥିଲା। ଏଥିରେ ଉପାନ୍ତ ଗାଁର ଜନସାଧାରଣ ସହିତ ଅନ୍ୟ ସମସ୍ତ ଗାଁର ଲୋକେ ଉପକୃତ ହେଉଛନ୍ତି। ଏହି କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯିବାକୁ ମସୁଧା ହେଉଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଛି । ବର୍ତ୍ତମାନର ସରପଞ୍ଚ ଏଭଳି ଉଦ୍ୟମ କରୁଛନ୍ତି ବୋଲି ଜଣାପଡିଛି। ବର୍ତ୍ତମାନର ସରପଞ୍ଚ ଆଗରୁ ନିଜ ଗାଁ ତଥା ନିଜ ଘର ପାଖରେ ପଞ୍ଚାୟତ ପାଠାଗାର, ପ୍ରମୋଦ ଉଦ୍ୟାନ, ଆର୍‌ଆଇ ଅଫିସ୍, କୃଷି କର୍ମଚାରୀଙ୍କ କ୍ୱାଟର, ମହିଳା ସମିତି ଗୃହ ନିର୍ମାଣ କରିଛନ୍ତି। ପଙ୍କି, ନୂଆଗାଁ, ସପଲାଙ୍ଗ ମୌଜାର ୧୩ଟି ୱାର୍ଡ ଲୋକେ ୫ କିମି ଦୂରରୁ ଆସି କିଭଳି ସରକାରୀ ସୁବିଧା ସୁଯୋଗ ପାଇପାରିବେ, ତାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ସ୍ୱର୍ଗତ ବିଜୁବାବୁ ଅତୀତରେ ଲୋକଙ୍କ ପାଖେ ସରକାରୀ ସୁବିଧା କିଭଳି ହାତପାହାନ୍ତାରେ ମିଳିପାରିବ, ସେନେଇ ୧୩ଟି ଜିଲ୍ଲାରୁ ୩୦ଟି ଜିଲ୍ଲା କରାଇଥିଲେ। ତେବେ ପ୍ରଶାସନିକ ଅଧିକାରୀ, ପଞ୍ଚାୟତ କର୍ମଚାରୀ ନହୁଣୀ ପଞ୍ଚାୟତର ବାସ୍ତବ ସ୍ଥିତି ଓ ଭୌଗୋଳିକ ପରିସ୍ଥିତିକୁ ଅନୁଧ୍ୟାନ ନ କରି ଏଭଳି ପ୍ରୟାସ କରିବା ଜନବିରୋଧି ବୋଲି ମତ ପ୍ରକାଶ ପାଇଛି। ଯଦି ନୂତନ କାର୍ଯ୍ୟାଳୟ ନିର୍ମାଣ ହେବାର ଆବଶ୍ୟକତା ରହିଛି, ତେବେ ପ୍ରକୃତ ସତ୍ୟାସତ୍ୟ ଅନୁସନ୍ଧାନ ପୂର୍ବକ ପଞ୍ଚାୟତର କେନ୍ଦ୍ରସ୍ଥଳୀ, ପୁରୁଣା କାର୍ଯ୍ୟାଳୟ ପାଖ କିମ୍ବା ପାଖାପାଖି ଅଞ୍ଚଳରେ ନୂଆ କାର୍ଯ୍ୟାଳୟ ନିର୍ମାଣ ହେଲେ ପଞ୍ଚାୟତବାସୀ ଉପକୃତ ହେବେ ବୋଲି ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି। ବିଜୟ ନାୟକ, ଦେବବ୍ରତ ନାୟକ, ନାରାୟଣ ମହାନ୍ତି, ସୁବାସ ବଳ, ସନାତନ ମହାନ୍ତି, ସରୋଜ ମହାଳିକ, ଶଙ୍କର ବେହେରା ଜିଲ୍ଲାପାଳଙ୍କୁ ଭେଟି ଗୁହାରି କରିଛନ୍ତି।

# କାର୍ ଧକ୍କାରେ ଆହତ କଲେଜ ଛାତ୍ରୀ ମୃତ; ଅଧ୍ୟାପକ ଗିରଫ

ଜଗତସିଂହପୁର,୨୬।୩(ସମିସ): ଜଗତସିଂହପୁର ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଗତକାଲି ଅପରାହ୍ନରେ କାର ଧକ୍କାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଅଭିଯୁକ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କୁ ଆଜି ସଦର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ,ଗତ ୨୫ ତାରିଖର ଅପରାହ୍ନରେ ଏକ ଦ୍ରୁତଗାମୀ କାର ଧକ୍କା ଦେବାରୁ ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଅଳସୁଧା ଗ୍ରାମର ତୃପ୍ତିମୟୀ ସାହୁଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ତୃପ୍ତିମୟୀ କାଦୁଅପଡା ସ୍ଥିତ ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟ ଯୁକ୍ତ ୩ ବିଜ୍ଞାନ ବିଭାଗରେ ଶେଷ ବର୍ଷର ଛାତ୍ରୀ ଥିଲେ। ତୃପ୍ତିମୟୀ କଲେଜରୁ ସାଇକେଲରେ ଘରକୁ ଫେରୁଥିବା ବେଳେ କୌଣସି କାମ ପାଇଁ ଖେରସ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ରହିଥିଲେ। ସେ ସାଇକେଲ ଧରି ଠିଆ ହୋଇଥିବା ସମୟରେ ଏକ ଦ୍ରୁତଗାମୀ କାର ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହିତ ପ୍ରାୟ ୪୦ ମିନିଟ ଧରି ରାସ୍ତା ଅବରୋଧ ଭଳି ପରିସ୍ଥିତି ଉପୁଜିଥିଲା। ପରେ ସାନବଜାର ବିଜୁ ପଟ୍ଟନାୟକ ଛକରେ ତୃପ୍ତିମୟୀଙ୍କ ଶବ ରଖି ରାସ୍ତାରୋକ ପାଇଁ ଉଦ୍ୟମ ଚାଲିଥିବା ବେଳେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ଦାବୀ ପୂରଣର ପ୍ରତିଶୃତି ଦେବାରୁ ଉତ୍ୟକ୍ତ ଲୋକମାନେ ବୁଝି ଯାଇଥିଲେ। ପୁଲିସ ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିବା ସହିତ ଚାଳକଙ୍କୁ ଥାନାରେ ଅଟକ ରଖିଥିଲା।

## ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ



ପଟ୍ଟାମୁଣ୍ଡାଇ,୨୬।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଚନ୍ଦନନଗର ପଦ୍ମଲୋଚନ ବିଦ୍ୟାପୀଠର ୧୯୯୫ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଗୁରୁ ପୂଜନ ଓ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହେମନ୍ତ ରାଉତଙ୍କ ପୌରୋହିତ୍ୟ ଓ ପୁରାତନ ଛାତ୍ର ତଥା ସାମ୍ବାଦିକ ଭାସ୍କର ରାଉତରାୟଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଧାନଶିକ୍ଷକ ମହେଶ୍ୱର ଦାସ ମୁଖ୍ୟଅତିଥି, ପ୍ରାକ୍ତନ ପ୍ରଧାନଶିକ୍ଷକ ସଚ୍ଚିନନ୍ଦନ ଦାସ ମୁଖ୍ୟବକ୍ତା, ପ୍ରାକ୍ତନ ପ୍ରଧାନଶିକ୍ଷକ ପଞ୍ଚାନନ ଧଳ, ପ୍ରାକ୍ତନ ଶିକ୍ଷକ ପ୍ରଫୁଲ୍ଲ ଶତପଥୀ, କବି ନିରାକାର ଦାସ, ଶିକ୍ଷା କମିଟି ସଭାପତି ନିରଞ୍ଜନ ଶତପଥୀ, ଶିକ୍ଷକ ସରୋଜ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀ ଗୁରୁଙ୍କ ପାଦ ଧୋଇ ଦେଇ ସିନ୍ଦୁର ଚନ୍ଦନ ଲଗାଇବା ସହିତ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ଦେବାଶିଷ ମହାନ୍ତି, ଅଜିତ ଦାସ, ସତ୍ୟଜିତ ପଣ୍ଡା, ସସ୍ମିତା ମହାପାତ୍ର, ପୁଷ୍ପଲତା ସିଂ, କମଳା ସାହୁ, ରଞ୍ଜନ ବେହେରା, କାଙ୍ଗାଳୀ ସାହୁ, ମନମୋହନ ସିଂ, ମମତା ବେହେରା ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ଶପଥ ନେଇଥିଲେ। ଏଥିସହ ଦିବଂଗତ ଛାତ୍ରଛାତ୍ରୀଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଭାସ୍କର ରାଉତରାୟ ଧନ୍ୟବାଦ ଦେଇଥିଲେ।

## ଜଗତସିଂହପୁର ସଡ଼କ ସୁରକ୍ଷା ସମିତି ବୈଠକ



ଜଗତସିଂହପୁର,୨୬।୩(ସମିସ): ଜଗତସିଂହପୁର ଜିଲ୍ଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ଗୃହରେ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜିଲ୍ଲାପାଳ ଜେ ସୋନାଲ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା, ପାରାଦ୍ୱୀପ ପୌରନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଜଗତସିଂହପୁର ପୌର ନିର୍ବାହୀ ଅଧିକାରିଣୀ ସୀମା ଜେନା ଯୋଗ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ କୁମାର ସେଠୀ ଯୋଗଦେଇ ଦୁର୍ଘଟଣାକୁ ହ୍ରାସ କରିବାକୁ ଗଠନମୂଳକ ମନ୍ତବ୍ୟ ଦେଇଥିଲେ। ଦୁର୍ଘଟଣାଗ୍ରସ୍ତ ପୀଡ଼ିତ ଲୋକଙ୍କ ପାଇଁ ପିଏମ୍ ରାହାତ ଯୋଜନାର ସବିଶେଷ ବିବରଣୀ ଦେଇଥିଲେ। ଜାତୀୟ ରାଜପଥ ୫୫ ରାସ୍ତା ମରାମତିକୁ ତ୍ୱରାନ୍ୱିତ କରିବା, ଦୁର୍ଘଟଣା ସ୍ଥାନରେ ଉପଯୁକ୍ତ ସଙ୍କେତ ଲଗାଇବା, ଗ୍ରାମୀଣ ରାସ୍ତାରୁ ମୁଖ୍ୟ ରାସ୍ତା ସଂଯୋଗ ସ୍ଥାନରେ ହମ୍ପସ୍ ସ୍ଥାପନ କରିବା। ଅମାନିଆ ଗାଡ଼ି ଚାଳକଙ୍କ ପାଇଁ ପ୍ରବର୍ତ୍ତନ ବାଧ୍ୟତାମୂଳକ ଯାଞ୍ଚ କଡ଼ାକଡ଼ି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସଂପ୍ରତି ଜିଲ୍ଲା ସଡ଼କ ସୁରକ୍ଷା ସମିତିର ସମସ୍ତ ସଭ୍ୟ ଉପସ୍ଥିତ ରହି ଗଠନ ମୂଳକ ମତାମତ ଦେଇଥିଲେ। ଏଥିରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ଦିବ୍ୟାଙ୍ଗ ଯୁବକ ଚନ୍ଦନଙ୍କୁ ସହାୟତା

ମହାକାଳପଡ଼ା,୨୬।୩(ସମିସ): ମହାକାଳପଡ଼ା ବ୍ଲକ ଅଧୀନ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଛନ୍ଦା ଗ୍ରାମର ଜଣେ ୮୦ ପ୍ରତିଶତ ଦିବ୍ୟାଙ୍ଗ ଯୁବକ ଚନ୍ଦନ ପାଇଟାଳ ଅର୍ଥ ଅଭାବରୁ ଘର ସମ୍ପୂର୍ଣ୍ଣ କରିପାରୁନାହାନ୍ତି। ଏ ଖବର ଜାଣିବା ପରେ ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଯୁବନେତା ତଥା ସମାଜସେବୀ ଡଃ ପ୍ରତାପ ଚନ୍ଦ୍ର ଦାସ ଚନ୍ଦନଙ୍କୁ ତାଙ୍କ ବାସଭବନରେ ପହଞ୍ଚି ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଅନ୍ୟାନ୍ୟ ଆନୁଷଙ୍ଗିକ ସହଯୋଗ ପରବର୍ତ୍ତୀ ସମୟରେ ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତାପଙ୍କ ସହିତ ସଂଗ୍ରାମ ସେଠୀ ଓ ବିଘ୍ନେଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



## ତେରତାଙ୍ଗ ୟୁପି ସ୍କୁଲର ବାର୍ଷିକୋତ୍ସବ



ତିର୍ତ୍ତୋଲ,୨୬।୩(ସମିସ): ତିର୍ତ୍ତୋଲ ବ୍ଲକ୍ ତରଜଙ୍ଗା ପଞ୍ଚାୟତ ଅଧୀନ ତେରତାଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ଝଙ୍କଡ଼ ସାହିତ୍ୟ ସଂସଦ କୋଷାଧ୍ୟକ୍ଷ ଝୁଲରାମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଭାରପ୍ରାପ୍ତ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ସମରେନ୍ଦ୍ର ସାହୁ, ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜ୍ୟୋତିରଞ୍ଜନ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ସାହୁ, ଉପସଭାପତି କାଜଲ ମଲ୍ଲିକ, ୱାର୍ଡ ସଭ୍ୟା ତପସ୍ୱିନୀ ଦାସ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଛଚିନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ଚଳିତ ଶିକ୍ଷା ବର୍ଷ ପାଇଁ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀ ଦିବ୍ୟା ଦାସ ଏବଂ ଶ୍ରେଷ୍ଠ ଛାତ୍ର ରୁଦ୍ର ପ୍ରସାଦ ମହାନ୍ତିଙ୍କୁ ମାନପତ୍ର ଓ ସିଲ୍ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଛଚିନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ମୋନାଲିସା ପ୍ରଧାନ, ଶିକ୍ଷକ ଶକ୍ତିପଦ ପଣ୍ଡା ଓ ପରିଚାଳନା କମିଟି ସଦସ୍ୟ ଦେବାଶିଷ ଦାସ, ନିମାଇଁ ଚରଣ ଦାସ, ସୁଶ୍ରୀ ସଙ୍ଗୀତା ସାହୁ, ପିତବାସ ବେହେରା,ଆଲୋକ ମଲ୍ଲିକ, ବନିତା ସାହୁ, ନଳିନୀପ୍ରଭା ମହାନ୍ତି, ପ୍ରାକ୍ତନ ଅଙ୍ଗନବାଡ଼ି କର୍ମୀ ଜ୍ୟୋସ୍ନାରାଣୀ ପରିଜା, ଅଙ୍ଗନବାଡ଼ି ସହାୟିକା ଝୁନିରାଣୀ ବେହେରା ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ରଞ୍ଜିତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟ ଚିକିତ୍ସାଳୟରେ ମାଗଣା ଚିକିତ୍ସା ଶିବିର

କେନ୍ଦ୍ରାପଡ଼ା,୨୬।୩(ସମିସ): କେନ୍ଦ୍ରାପଡା ପୌରପାଳିକା ଦୃଷ୍ଟିବାଧିତ ବିଦ୍ୟାଳୟରେ ମାଗଣା ଚିକିତ୍ସା ଶିବିର ଆୟୋଜନ କରାଯାଇଛି। ମୁଖ୍ୟ ଚିକିତ୍ସାଳୟର ପ୍ରଶାସକ ଦିଲ୍ଲୀପ ନାୟକ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ବିଶିଷ୍ଟ ସମାଜସେବୀ ସମୀର କୁମାର ଚାନ୍ଦ ଯୋଗଦେଇ ଏହାର ପ୍ରଶଂସା କରିଥିଲେ। ଏହା ଦୃଷ୍ଟିବାଧିତ ପିଲାଙ୍କୁ ଯଥେଷ୍ଟ ସହାୟକ ହେବ ବୋଲି କହିଥିଲେ। ସହରାଞ୍ଚଳ ପ୍ରାଥମିକ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡା. ସୁଶ୍ରୀ ଜେନା, ଅଡିଓଲୋଜିଷ୍ଟ ଚନ୍ଦନ ବେହେରା ପଚିଶ ଜଣ ଦୃଷ୍ଟିବାଧିତ ପିଲାଙ୍କୁ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। କମ୍ୟୁନିଟି ସୁପରଭାଇଜର ସୌମ୍ୟା ପୁଷ୍ପା ମିଶ୍ର, ଆଶା ଅମ୍ବିକାବାଳା ନାଥ, ଏଏନଏମ୍ କନକଲତା ସାହୁ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱପ୍ନାଶୁ ଦାସ, ଶିକ୍ଷକ ବଟକୃଷ୍ଣ ବାରିକ, ଅରୁଣ ବେହେରା, ସୋନାଲିକା ସ୍ୱାଇଁ, ଭରତ ସାହୁ, କର୍ମଚାରୀ ମହେନ୍ଦ୍ର ସିଂ, ଗୀତାଞ୍ଜଳି ଦାସ, ଅଲେଖ ଜେନା, ମନୋଜ ବେହେରା ପ୍ରମୁଖ ସହଯୋଗ କରିଥିଲେ।



## ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

ପଟ୍ଟାମୁଣ୍ଡାଇ,୨୬।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକରେ କାର୍ଯ୍ୟକାରୀ ଏମଏନଆରଇଜିଏସ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏମଏନଆରଇଜିଏସ ଓ ଏନଏଫଏସଏର ସାମାଜିକ ସମୀକ୍ଷା ହେବା ଫଳରେ ଜନସାଧାରଣ ବିଭିନ୍ନ ଯୋଜନା ଓ କାର୍ଯ୍ୟକାରିତା ସମ୍ପର୍କରେ ସଚେତନ ହୋଇପାରୁଛନ୍ତି ବୋଲି ମତପ୍ରକାଶ କରିଥିଲେ। ବିଡିଓ ଶୀତଲ ଅଗ୍ରୱାଲ ଆଗାମୀ ଦିନରେ ସମଗ୍ର ଜିଲ୍ଲାରେ ପଟ୍ଟାମୁଣ୍ଡାଇ ବ୍ଲକ ମନେରେଗା ଯୋଜନାରେ ସର୍ବାଧିକ ସଫଳତା ହାସଲ କରିବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଶିବିରରେ ଡିଡବ୍ଲ୍ୟୁଓ ଅରବିନ୍ଦ ରାୟ, ଜିଲ୍ଲା ସାମାଜିକ ସମୀକ୍ଷା ୟୁନିଟର ସରୋଜ ଦାଶ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ, ବ୍ଲକ ସହକାରୀ ଯନ୍ତ୍ରୀ ବିନୟ ମିଶ୍ର ଓ ପ୍ରସନ୍ନ ରାଉତ, ବ୍ଲକ ଏପିଓ ପୁଣ୍ୟଶ୍ରୀ ସାହୁ, ବ୍ଲକ ସୋସିଆଲ ଅଡିଟର ନଳିନୀକାନ୍ତ ସ୍ୱାଇଁ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ ବ୍ଲକ ସିପି ପ୍ରିୟରଞ୍ଜନ ସ୍ୱାଇଁ, କ୍ୟାସିୟର ଦୁଷ୍ମନ୍ତ ପାତ୍ର, ମନେରେଗା ସହକାରୀ ବନ୍ଦିତା ଭଦ୍ର, ପ୍ରିୟମ୍ବଦା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ଦିହୁଡିପୁର ସରପଞ୍ଚ ନରେଶ ମଲିକ, ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ, ଗଙ୍ଗାରାମପୁର ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ, ସଂସାରଫଳ ସମିତି ସଭ୍ୟ ପର୍ଶୁରାମ ବେହେରା, ସାନଜରିଆ ସମିତି ସଭ୍ୟ ସୁବାସ ବାରିକ ପ୍ରମୁଖ ବହୁ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ବ୍ଲକ ଏପିଓ ପୁଣ୍ୟଶ୍ରୀ ସାହୁ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟର ତଥ୍ୟ ଉପସ୍ଥାପନ କରିଥିଲେ। ବ୍ଲକ ସୋସିଆଲ ଅଡିଟର ନଳିନୀକାନ୍ତ ସ୍ୱାଇଁ ସୋସିଆଲ ଅଡିଟଟିମର ତଥ୍ୟ ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଓ ବିଡିଓ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଇଓ, ଜିଆରଏସଙ୍କୁ ସମସ୍ତ ତଥ୍ୟ ଦେବାକୁ ପରାମର୍ଶ ଦେଇଥିଲେ। ଶିବିରରେ ଗ୍ରାମ୍ୟ ସାଧନ କର୍ମୀ, ଜବକାର୍ଡଧାରୀ, ରାସନ କାର୍ଡଧାରୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ, ପୂର୍ବତନ ଜନପ୍ରତିନିଧି, ସମାଜସେବୀ ଯୋଗ ଦେଇ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ।



## ପ୍ରାକ୍ତନ ସୈନିକଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି

ଜଗତସିଂହପୁର,୨୬।୩(ସମିସ): ଜଗତସିଂହପୁର ସଦର ବ୍ଲକ୍ ନିପୁର ଅଳସୁଧା ଗ୍ରାମର ପ୍ରାକ୍ତନ ସୈନିକ ମହେନ୍ଦ୍ର କୁମାର ବେହେରାଙ୍କର ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ସ୍ୱର୍ଗତ ବେହେରା ଜଣେ ସଚ୍ଚୋଟ ଏବଂ ଜନବତ୍ସଳ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଉତ୍କଳ ସେବାନିବୃତ୍ତ ସେନାନୀ ସଂଘ, ଜଗତସିଂହପୁର ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଙ୍ଘର ସଭାପତି ସୋମନାଥ ମହାରଣା ଏବଂ ସମସ୍ତ ସଦସ୍ୟ ତାଙ୍କ ଗୃହକୁ ଯାଇ ଶୋକସନ୍ତପ୍ତ ପରିବାରଙ୍କୁ ସାନ୍ତ୍ୱନା ଜଣାଇଲେ। ଏଥି ସହିତ ପରଲୋକଗତ ଆତ୍ମାର ଶାନ୍ତି କାମନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ଶେଷ ଦର୍ଶନ କରିବା ପାଇଁ ଗ୍ରାମବାସୀ ତଥା ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପରଲୋକଗତ ମହେନ୍ଦ୍ର ବେହେରା ଜଣେ ଶୃଙ୍ଖଳାବଦ୍ଧ, କର୍ତ୍ତବ୍ୟନିଷ୍ଠ ଓ ଦେଶସେବାରେ ନିୟୋଜିତ ଥିବା ଅନୁକରଣୀୟ ବ୍ୟକ୍ତି ଥିଲେ। ତାଙ୍କର ଦେହାନ୍ତ ସଂଘ ପାଇଁ ଏକ ଅପୂରଣୀୟ କ୍ଷତି। ଭଗବାନ ତାଙ୍କର ଆତ୍ମାଙ୍କୁ ଶାନ୍ତି ଦିଅନ୍ତୁ ଏବଂ ଶୋକସନ୍ତପ୍ତ ପରିବାରକୁ ଏହି ଦୁଃଖ ସହିବାକୁ ଶକ୍ତି ପ୍ରଦାନ କରନ୍ତୁ ବୋଲି ସେନାନୀ ସଂଘ ପକ୍ଷରୁ କାମନା କରାଯାଇଛି।



## ସ୍ମରଣିକା 'ସର୍ବାଙ୍ଗ ସୁନ୍ଦରୀ' ଉନ୍ମୋଚିତ

ଜଗତସିଂହପୁର,୨୬।୩(ସମିସ): ଜଗତସିଂହପୁର ପୌର ପରିଷଦ ମାର୍କଣ୍ଡପୁର (ବଡ଼ବାଗ) ଗ୍ରାମର ଗ୍ରାମ ଦେବତୀ ମା' ସର୍ବାଙ୍ଗ ସୁନ୍ଦରୀ ପୀଠରେ ଦୀର୍ଘ ୨୬ ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପରାୟଣ ଜ୍ଞାନଯଜ୍ଞ ଚଳିତ ବର୍ଷ ୨୭ ବର୍ଷରେ ପଦାର୍ପଣ କରିଛି। ଏଥିପାଇଁ ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ କରାଯାଉଛି। ଏହି ଅବସରରେ ମା'ମାନଙ୍କ ଦ୍ୱାରା ୧୦୮ କଳସୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଲାଲା ସାହି ରାଧାମାଧବଜିଉ ପୁଷ୍କରିଣୀରୁ ଏହି କଳସ ଶୋଭାଯାତ୍ରା ବାହାରି ମା'ଙ୍କ ପୀଠରେ ପହଞ୍ଚିଥିଲା। ସନ୍ଧ୍ୟାରେ ରବୀନ୍ଦ୍ର ମହାପାତ୍ର ଓ ତାଙ୍କ ସାଥୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇ ଥିଲା। ପ୍ରଥମ ଦିବସରେ ଜିଲ୍ଲାର ସାଧୁସନ୍ଥଙ୍କ ଦ୍ୱାରା ମଞ୍ଚ ପୂଜନ କରାଯାଇ ଥିଲା। ଏଥିରେ ଶ୍ରୀଜଗନ୍ନାଥ ପ୍ରଚାରକ ନାଉଗାଁ ତିହୁଡା ମଠର ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ମୁଖ୍ୟ ଅତିଥି, ବାବା କମଳ ଲୋଚନ ଦାସ ମହାରାଜ, ଓଡ଼ିଶ ମଠର ବାବାଜୀ ସୀତା ରାମ ଦାସ, ତରଡ଼ାପଡ଼ା ମଠର ବାବାଜୀ ବାଇଧର ଦାସ, ସଦେଇପୁର ମଠ ମହନ୍ତ ଅଧିକାରୀ ଦିବ୍ୟକୃଷ୍ଣ ଦାସ, ତିହୁଡି ତଣ୍ଡିକୁଳର ମନୋଜ ଦାସଙ୍କ ସହ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଦ୍ୱାରା ଏକ ସ୍ମରଣିକା ମା'ସର୍ବାଙ୍ଗ ସୁନ୍ଦରୀ ଉନ୍ମୋଚିତ ହୋଇଥିଲା। କର୍ତ୍ତା ଶରତ କୁମାର ପାତ୍ର ଓ କର୍ତ୍ତୀ ପ୍ରତିମା ପାତ୍ର, ସଭାପତି କମଲ କୁମାର ଦାସ, ଉପସଭାପତି ଅକ୍ଷୟ କୁମାର ପାତ୍ର, ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ସହ ସମ୍ପାଦକ ଦିଲ୍ଲୀପ କୁମାର ପାତ୍ର, ସଞ୍ଜୟ କୁମାର ଦାସ, ଅଜୟ କୁମାର ଦତ୍ତ, ନୀଳମଣି ସାହୁ, ଅଭୟ ବାରିକ, ସ୍ୱୟଂମ୍ଭୁ ଶେଖର ସାହୁ, ମନ୍ଦିର ପୂଜକ ବାଜନନା ଓ କାବୁଆନନା ସହଯୋଗ କରିଥିଲେ। ପରେ ମଞ୍ଚର ବ୍ୟାସ ପଣ୍ଡିତ ଦାମୋଦର ଦାଶଙ୍କ ଦ୍ୱାରା ତୁଳସୀ ଦାସ ରଚିତ ଶ୍ରୀରାମ ଚରିତ ମାନସ ଓ ଜ୍ଞାନ ଯଜ୍ଞ ପାରାୟଣ ଅନୁଷ୍ଠିତ ହୋଇଥିଲା।



## ସାଇଲୋ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୁଜଙ୍ଗ,୨୬।୩(ସମିସ): କୁଜଙ୍ଗ ବ୍ଲକ ରାହାମା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ସାଇଲୋର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନାଦୀ ଚରଣ ଖଟୁଆଙ୍କ ସଭାପତିତ୍ୱରେ ସାଇଲୋର ନାଏବ ସରପଞ୍ଚ ତଥା ବର୍ତ୍ତମାନର କାର୍ଯ୍ୟକାରୀ ସରପଞ୍ଚ ଝରଣା ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହ ଛଦ୍ମବେଶ ପ୍ରତିଯୋଗିତା ଓ ଅନ୍ୟାନ୍ୟ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ସିଆର୍‌ସିସି ଗୋବିନ୍ଦ ଚନ୍ଦ୍ର ମିଶ୍ର, କାଦମ୍ବିନୀ ସ୍ୱାଇଁ, ସରୋଜ କୁମାର ନାୟକ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷକ ସଂଜୀବ କୁମାର ଦାସ ବାର୍ଷିକ ବୀବରଣୀ ପାଠ କରିଥିବା ବେଳେ ରଙ୍ଗରଙ୍ଗ ସଂସ୍କାରଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଏଥିରେ ଶିକ୍ଷୟିତ୍ରୀ ଚିନ୍ମୟୀ ଛୋଟରାୟ, ହୀନାରାଣୀ ସାହୁଙ୍କ ସ୍କୁଲ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଓ ଅଙ୍ଗନବାଡି କର୍ମୀ ସହଯୋଗ କରିଥିଲେ।

## ଶୋଭନୀୟ ପ୍ରଜ୍ଞାପ୍ରତିଭା ଉତ୍ସବ ଉଦ୍‌ଯାପିତ




କୁଜଙ୍ଗ,୨୬।୩(ସମିସ): କୁଜଙ୍ଗ ବ୍ଲକ୍ ଫତେପୁର ପଞ୍ଚାୟତରେ ଅବସ୍ଥିତ ପ୍ରଜ୍ଞାସାଥୀ ଶୋଭନୀୟ ଶିକ୍ଷାଶ୍ରମ ତରଫରୁ କୋମଳମତି ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶର ଭବ୍ୟ କାର୍ଯ୍ୟକ୍ରମ "ଶୋଭନୀୟ ପ୍ରଜ୍ଞାପ୍ରତିଭା ଉତ୍ସବ-୨୦୨୬' ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡଃ ଅରୁନ୍ଧତୀ ଦେବୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଅର୍ଥନୀତିଜ୍ଞ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ପାରାଦ୍ୱୀପ ଫସପେଟସ୍ ଲିମିଟେଡର ସିଏସ୍‌ଆର ମୁଖ୍ୟ ସୈମଶ୍ରୀ ଓମ୍ ପ୍ରକାଶ ସାହୁ, ଅନ୍ୟତମ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତଥା ବିଶିଷ୍ଟ ଲେଖିକା କଳ୍ପନା ସୂତାର, ଶିକ୍ଷାବିତ୍ ନୃସିଂହ ଚରଣ ବରାଳ ଓ ସମାଜସେବୀ ସଂଗ୍ରାମ ରାଉତରାୟ ପ୍ରମୁଖ ଶିଶୁମାନଙ୍କ ମନ ଜୀବନ ଗଠନରେ ଶୋଭନୀୟ ଶିକ୍ଷାଶ୍ରମ ର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଶିକ୍ଷାଶ୍ରମର ସମ୍ପାଦକ ସମାଜ ବିଜ୍ଞାନୀ ନିରାକାର ବେଉରା ଉତ୍ସବ ସଂଯୋଜନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଗ୍ରାମୀଣ ମେଧା ପୁରସ୍କାର ପ୍ରଦାନ ଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ବିନୀତା ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ ରମେଶ ପ୍ରସାଦ ସ୍ୱାଇଁ, ବେବିନା ଗୁରୁମା, ମନସ୍ୱିନୀ ଗୁରୁମା, ମମତା ଗୁରୁମା, ହରପ୍ରିୟା ଗୁରୁମା, ସବିତା ଗୁରୁମା, ରୁନୁ ଗୁରୁମା, ସନ୍ଧ୍ୟା ଗୁରୁମା, ଲୋଚନା ଗୁରୁମା, ରଶ୍ମିତା ଗୁରୁମା, ସ୍ମୃତି ଗୁରୁଜୀ ପ୍ରମୁଖ। ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷାଶ୍ରମର ସହ ସଂପାଦକ ଜ୍ଞାନ ରଞ୍ଜନ ମହାନ୍ତି।

### ରଜନୀଦେବୀ ଜରାଶ୍ରମରେ କଥା ଓ କବିତା

## 'ବାପା ମାଆ ଦୁନିଆର ଶ୍ରେଷ୍ଠ ସମ୍ପଦ'



କୁଜଙ୍ଗ,୨୬।୩(ସମିସ): କୁଜଙ୍ଗର ଦୁଆଡ଼ିଆସ୍ଥିତ ରଜନୀଦେବୀ ଜରାଶ୍ରମର ନୂତନ ଗୃହ ପ୍ରତିଷ୍ଠା ଅବସରରେ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅଭିନବ କଥା ଓ କବିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଟକ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଯୋଗଦେଇ ବାପା ଓ ମାଆ ଦୁନିଆରେ ଶ୍ରେଷ୍ଠ ସମ୍ପଦ ବୋଲି କହିଥିଲେ। ଯେଉଁ ପରିବାରର ବିଶ୍ୱକର୍ମା ଅର୍ଥାତ ବାପାମାଆ ପୁଅ ବୋହୂର ବିଶ୍ୱାସ ଭାଜନ ହୋଇ ନପାରି ଜରାଶ୍ରମ ବାଛିନିଏ, ସେ ପରିବାର ଅଭିଶାପଗ୍ରସ୍ତ ହୁଏ। ଏବେର ଯୁବପିଢ଼ି ସତର୍କ ରହିବାକୁ ହେବ ଓ ନିଜର ସନ୍ତାନକୁ ସଂସ୍କାର ଦେଲେ ନିଜ ପାଇଁ ଜରାଶ୍ରମ ଲୋଡ଼ା ପଡ଼ିବନି ବୋଲି କହିଥିଲେ। ରଜନୀଦେବୀ ଜରାଶ୍ରମର ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ ଉତ୍କଳ ସାହିତ୍ୟ ସମାଜର ଉପ-ସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ। ସେ ସଭାରେ ଜରାଶ୍ରମର ପ୍ରତିଷ୍ଠାତ୍ରୀଙ୍କୁ ସେବାର ଦେବୀବୋଲି କହିଥିଲେ। ପଣ୍ଡିତ ନାଗୁଚରଣ ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଶିଷ୍ଟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଡକ୍ଟର ରଘୁନାଥ ସାହୁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସୌଭାଗିନୀ ରାୟ, ସମାଜ ସଂସ୍କାରକ ଡକ୍ଟର ଅରୁଣ କୁମାର ପାଣି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ମୁଖ୍ୟ ଡକ୍ଟର ବସନ୍ତ ମଞ୍ଜରୀ ଦାସ ଅତିଥି ପରିଚୟ ଦେଇଥିଲେ। ଶିକ୍ଷାବିତ୍ ନଗେନ୍ଦ୍ରନାଥ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରଜନୀଦେବୀ ଜରାଶ୍ରମର ଅଧ୍ୟକ୍ଷା ଆଡ୍‌ଭୋକେଟ ମଞ୍ଜୁଲତା ରାଉତ ମଞ୍ଚ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ କୃଷି ଅଧିକାରୀ ପ୍ରେମ ଚରଣ ରାଉତ, ଇଞ୍ଜିନିୟର ପଦ୍ମନାଭ ରାଉତ, ପ୍ରଭାତ କୁମାର ବହିରା ଓ ଶ୍ୱେତପଦ୍ମା ରାଉତ ଉତ୍ସବ ପରିଚାଳନା କରିଥିଲେ। ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, ଗୀତା ଦାସ, ଜୟନ୍ତୀ ଦାସ, ହେମନ୍ତ ଚକଲେଟ କବି ଓ ବହୁ ସାହିତ୍ୟିକ କବିତା ପାଠ କରିଥିଲେ। କୃତୀ ଛାତ୍ରଛାତ୍ରୀ ଓ ବରିଷ୍ଠମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ନୃତ୍ୟ ଓ ସଂଗୀତ ପରିବେଷଣ ହୋଇଥିଲା।

